SET NO - 013/1

Roll No. | | | | | | | |

Candidates must write the Set No. on the title page of the Answer Book.

# D.A.V. PUBLIC SCHOOLS, ODISHA ZONE-I.
## Annual Examination, 2017-18

- Check that this question paper contains **4** printed pages only.
- Set number given on the right hand side of the question paper should be written on the title page of the Answer Book by the candidate.
- Check that this question paper contains **11** questions.
- Write down the Serial Number of the question before attempting it.
- 15 minutes cooling time has been allotted to read this question paper only and do not write any answer on the answer book during this period.

## CLASS – IX
## ODIA (013)

**Time: 3 hours** **Maximum Marks: 80**

ସୂଚନା– ଏହି ପ୍ରଶ୍ନପତ୍ରରେ ଚାରିଗୋଟି ବିଭାଗ ରହିଛି ।

(କ) ପଠନ - Reading = 10 Marks

(ଖ) ଲିଖନ - Writing = 15 Marks

(ଗ) ବ୍ୟାକରଣ - Grammar = 20 Marks

(ଘ) ସାହିତ୍ୟ - Literature = 35 Marks

ନିର୍ଦ୍ଦେଶାନୁଯାୟୀ ପ୍ରଶ୍ନ ଗୁଡ଼ିକର ଉତ୍ତର ଦିଅ ।

## 'କ' ବିଭାଗ

୧. ନିମ୍ନ ଅନୁଚ୍ଛେଦଟିକୁ ପାଠକରି ପ୍ରଦତ୍ତ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ । (୪x୨=୧୦)

ଆସାମର ପ୍ରସିଦ୍ଧ ଶଙ୍କରଦେବ ଓଡ଼ିଶାକୁ ଆସି ପୁରୀରେ ବହୁ ବର୍ଷ ରହିଥିଲେ ଏବଂ ସେ ଏଠାରୁ ଫେରିଯିବାବେଳେ ସାଙ୍ଗରେ ଜଗନ୍ନାଥ ମୂର୍ତ୍ତି ଇତ୍ୟାଦି ନେଇ ଯାଇଥିଲେ । ଆଜିଯାଏ ସେହି ଦ୍ୱୀପ ଭିତରେ ଥିବା ରାମ ମାଦୁଲି ନାମକ ସ୍ଥାନରେ ଉକ୍ତ ମୂର୍ତ୍ତି ପୂଜିତ ହେଉଅଛନ୍ତି । ଶଙ୍କରଦେବ ଓଡ଼ିଶାରେ ଭାଗବତ ଘର ଅନୁକରଣରେ ଆସାମରେ 'ନାମ' ଘରମାନ ପ୍ରସାର କରିଥିଲେ । ଆସାମ ଓ ଓଡ଼ିଶା ଉଭୟ ପ୍ରାଚୀନ ତନ୍ତ୍ରପୀଠ । ସେଠାକାର କାମାକ୍ଷା, ଏଠାକାର ବିରଜା । ଆମ୍ଭମାନଙ୍କର ଜୀବନରେ ଆସାମ ଓଡ଼ିଶା କିପରି ପ୍ରାଚୀନ ସ୍ନେହ ଓ ସୌହାର୍ଦ୍ଦ୍ୟରେ ପୂର୍ବପରି ବାନ୍ଧି ହୋଇଯିବ, ସେଇଚିନ୍ତା ଆମର କରିବା ଉଚିତ । ଆସାମକୁ ଲୋକ ଗଲେ ଆଉ ଦେଶକୁ ଫେରନ୍ତି ନାହିଁ, ଆଉ ଆସାମରେ ମେଣ୍ଢାହୋଇ ରହିଯାନ୍ତି, ଏହି ଯେଉଁ ପ୍ରବାଦ ଅଛି, ତା'ର କାରଣ ହେଉଛି ଆସାମ ଓଡ଼ିଶାଠାରୁ ବହୁତ

ଦୂରରେ ଅବସ୍ଥିତ । ଆସାମ ମଧ୍ୟରେ ସିଲଟ୍ ଜିଲ୍ଲାଟି ପ୍ରାଚୀନ । ସେଠାକୁ ଚୈତନ୍ୟ ଦେବଙ୍କ ପୂର୍ବପୁରୁଷ ଓଡ଼ିଶାରୁ ଯାଇ ରହିଥିଲେ । ସିଲହଟୀ ଲିପି ଏକ ପ୍ରକାର ଲିପି । ତା'ର ଓଡ଼ିଆ ସହିତ ସାମଞ୍ଜସ୍ୟ ଅଛି । ପୂର୍ବେ ସ୍ଥଳପଥରେ ଲୋକେ ଓଡ଼ିଶାରୁ ଆସାମ ଯାଉଥିଲେ । ସେତେବେଳେ ତଳ ବଙ୍ଗଦେଶ ସାଗର ଗର୍ଭରେ ଥିଲା । ଆସାମର ସବୁ ଜିଲ୍ଲା ପରିଭ୍ରମଣ କରି ମୁଁ ଓଡ଼ିଶାକୁ ଫେରିଲି ।

ପ୍ରଶ୍ନାବଳୀ:(କ) ଆସାମର କେଉଁ ଜିଲ୍ଲାଟି ଅତି ପ୍ରାଚୀନ ?

(ଖ) ଆସାମକୁ ଗଲେ ଲୋକମାନେ କେଉଁ ପ୍ରାଣୀହୋଇ ରହିଯା'ନ୍ତି ?

(ଗ) କିଏ ଓଡ଼ିଶାକୁ ଆସି ପୁରୀରେ ବହୁବର୍ଷ ରହିଥିଲେ ?

(ଘ) ଆସାମର ଲିପିର ନାମ କ'ଣ ଅଟେ ?

(ଙ) ଭାଗବତ ଘର ପରି ଆସାମର ଭାଗବତ ଘରକୁ କ'ଣ କୁହାଯାଏ ?

## 'ଖ' ବିଭାଗ

୨. ଯେ କୌଣସି ଗୋଟିଏ ବିଷୟରେ ରଚନା ଲେଖ । (୧x୮=୮)
ବନମହୋତ୍ସବ, ସମ୍ବାଦପତ୍ର, ଓଡ଼ିଶାର ପର୍ବପର୍ବାଣି ।

୩. ଅଘୋଷିତ ବିଦ୍ୟୁତ୍‌କାଟ୍‌ର ନିରାକରଣ ପାଇଁ ବିଦ୍ୟୁତ ବିଭାଗର ମୁଖ୍ୟଯନ୍ତ୍ରୀଙ୍କୁ ଦରଖାସ୍ତ ଲେଖ । (୧x୭=୭)

**କିମ୍ବା**

ପାନୀୟଜଳର ଅଭାବ ଦର୍ଶାଇ ମହାନଗର ନିଗମର ମେୟରଙ୍କ ନିକଟକୁ ଦରଖାସ୍ତ ଲେଖ ।

## 'ଗ' ବିଭାଗ

୪. (କ) ସନ୍ଧି ବିଚ୍ଛେଦ କର । (୫ଟିର) (୫x୧=୫)
ମହୋଦଧି, ଉଚ୍ଛିଷ୍ଟ, ନିରୀକ୍ଷଣ, ମତୈକ୍ୟ, ସଦୁପାୟ, ଦୁଷ୍ପ୍ରାପ୍ୟ, ଗଣେଶ

(ଖ) ବ୍ୟାସବାକ୍ୟ ସହ ସମାସର ନାମ ଲେଖ । (୫ଟିର) (୫x୧=୫)
ଦମ୍ପତି, ରାଜପଥ, ହାଣ୍ଡିକଳା, ବୀଣାପାଣି, ପ୍ରତିଧ୍ୱନି, ନବମଶ୍ରେଣୀ, ଶତାବ୍ଦୀ

(ଗ) ଗଠନରୀତି ଦର୍ଶାଅ । (ଯେ କୌଣସି ୫ଟିର) (୫x୧=୫)
ଘାତକ, ଶାରୀରିକ, କର୍ତ୍ତବ୍ୟ, ତେଜସ୍ୱୀ, ରୋଦନ, କୁଲେଇ, କାଠୁରିଆ

(ଘ) ଉପସର୍ଗ ଲଗାଇ ନୂତନ ଶବ୍ଦ ଗଢ଼ । (୫ଟିର) (୫x୧=୫)
ଅତି, ପରି, ପ୍ରତି, ଅନୁ, ଉପ, ଅଭି, ବି

## 'ଘ' ବିଭାଗ

୫. ସପ୍ରସଙ୍ଗ ସରଳାର୍ଥ ଲେଖ । (୫)

ଏଇ ଖଡ୍‌ଗ ମୋତେ ଅନାସକ୍ତି ଯୋଗରେ ଦୀକ୍ଷିତ କରିଛି ।

କିମ୍ବା

ଅଫଳପେପ୍‌ସୁ ବନ୍ଧୁ, ପ୍ରକୃତ ବନ୍ଧୁ ।

୬. ସଂକ୍ଷିପ୍ତ ପ୍ରଶ୍ନର ଉତ୍ତର ଲେଖ । (୩ଟିର) (୩x୨=୬)

(i) ପ୍ରାଚୀନ ଯୁଗର ଜଣେ ନାରୀକବିଙ୍କର ନାମ ଲେଖ । ତାଙ୍କ ଲିଖିତ ଗ୍ରନ୍ଥର ନାମ କ'ଣ ?

(ii) ବଶିଷ୍ଠ କାହିଁକି ବିଶ୍ୱାମିତ୍ରଙ୍କ ସୈନ୍ୟବଳକୁ ବିନାଶ କଲେ ?

(iii) ଉପେନ୍ଦ୍ର ଭଞ୍ଜଙ୍କର ପାଞ୍ଚୋଟି କାଳ୍ପନିକ କବ୍ୟର ନାମ ଲେଖ ।

(iv) ଆଧୁନିକ ଯୁଗରେ ଆଡାମସ୍ମିଥ୍ କ'ଣ ଲେଖିଥିଲେ ?

(v) ଶ୍ରୀ ଚୈତନ୍ୟ ଓଡ଼ିଶାକୁ କେବେ ଆସିଥିଲେ ? ତାଙ୍କର ଧର୍ମମତ କିପରି ଓଡ଼ିଆ କବିମାନଙ୍କୁ ପ୍ରଭାବିତ କଲା ?

୭. ଉତ୍ତର ପର୍ଯ୍ୟାୟରୁ ଠିକ୍ ଉତ୍ତରଟି ବାଛି ଲେଖ । (୪x୧=୪)

(କ) 'ଲକ୍ଷ୍ମୀପୁରାଣ' କେଉଁ କବିଙ୍କର କୃତି ?

(i) ସାରଳା ଦାସ (ii) ଜଗନ୍ନାଥ ଦାସ

(iii) ବଳରାମ ଦାସ (iv) ଯଶୋବନ୍ତ ଦାସ

(ଖ) ଆବହମାନ କାଳରୁ ମଣିଷ କାହାକୁ ସମ୍ମାନ ଦେଇ ଆସିଛି ?

(i) ଜ୍ଞାନକୁ (ii) ଧନକୁ (iii) ବୁଦ୍ଧିକୁ (iv) ଶକ୍ତିକୁ

(ଗ) କେଉଁ ମସିହାରେ ନ୍ୟାସୀବାଦ ପ୍ରଣୟନ ହୋଇଥିଲା ?

(i) ୧୯୪୦ (ii) ୧୯୪୨ (iii) ୧୯୪୩ (iv) ୧୯୪୪

(ଘ) 'ଲାବଣ୍ୟବତୀ' କେଉଁ ଧରଣର କାବ୍ୟ ?

(i) ପୌରାଣିକ (ii) କାଳ୍ପନିକ (iii) ଐତିହାସିକ (iv) ଭକ୍ତିମୂଳକ

୮. ସପ୍ରସଙ୍ଗ ସରଳାର୍ଥ ଲେଖ । (୫)

ମଥା ଟେକି ସେଇ ଯନ୍ତ୍ର ଯେ ସଦା ରୁଦ୍ର ଦାନବ ପରି,
ଛିଡ଼ା ହୋଇଅଛି ଚାରିପାଶେ ତା'ର ଲୁହାର ଫଉଜ ଧରି ।

କିମ୍ବା

ଧର୍ମ ଭୁଲି ସେ ଦରିଦ୍ର ମୁଖେ ଅନ୍ନ ଦେଇଛି ଆଣି,
ସକଳ ଦୁଃଖକୁ ନିଜ ଦୁଃଖ କରି ଚକ୍ଷୁ ଦେଇଛି ପାଣି ।

୯. ସଂକ୍ଷିପ୍ତ ପ୍ରଶ୍ନର ଉତ୍ତର ଲେଖ । (୩ଟିର) (୩x୨=୬)

(i) କବି 'ଚିତା' ସହିତ କାହାକୁ ତୁଳନା କରିଛନ୍ତି ?

(ii) ଯୁଦ୍ଧଜୟୀମାନେ କିପରି ଫେରନ୍ତି ?

(iii) 'ଅନୀକିନୀ' ବୋଲି ଏଠାରେ କାହାକୁ ଅଭିହିତ କରାଯାଇଛି ?

(iv) ମଣିଷ କେତେବେଳେ ବୀରତ୍ୱର ଟୀକା ଲାଭ କରିପାରିବ ?

(v) କଲମ କ'ଣ କରି ଅମର ଯଶ ବରଣ କରିଛି ?

୧୦. ଉତ୍ତର ପର୍ଯ୍ୟାୟ ମଧ୍ୟରୁ ଠିକ୍ ଉତ୍ତରଟି ବାଛି ଲେଖ । (୪x୧=୪)

(କ) କେଉଁ ମାସରେ ଆଖୁ ଅମଳ ହୁଏ ?

(i) ଫଗୁଣ (ii) ପୌଷ (iii) ମାଘ (iv) ଜ୍ୟେଷ୍ଠ

(ଖ) ପାଇକ ବଧୂର ଉଦ୍‌ବୋଧନ କବିତାର କବି କିଏ ?

(i) ବଟକୃଷ୍ଣ ତ୍ରିପଠୀ (ii) ବ୍ୟୋମକେଶ ତ୍ରିପାଠୀ

(iii) ରାମକୃଷ୍ଣ ତ୍ରିପାଠୀ (iv) କୃଷ୍ଣଚନ୍ଦ୍ର ତ୍ରିପାଠୀ

(ଗ) ଗୋପପ୍ରୟାଣ କବିତାଟି କେଉଁ ସଂକଳନରୁ ଉଦ୍ଧୃତ ?

(i) ସାଧବ ଝିଅ (ii) ଜେମା (iii) ମାଟିବାଣୀ (iv) ହେମଶସ୍ୟ

(ଘ) କେଉଁ ପୁସ୍ତକଟି କୁନ୍ତଳା କୁମାରୀ ସାବତ ଲେଖିନାହାନ୍ତି ?

(i) ସ୍ଫୁଲିଙ୍ଗ (ii) ଅଞ୍ଜଳି (iii) ସୁଲକ୍ଷଣା (iv) ଉଚ୍ଛ୍ୱାସ

୧୧. ଉଚ୍ଚଶିକ୍ଷିତା ହେଲେ ମଧ୍ୟ ମଣିଷ ନିଜ ପ୍ରକୃତି ସହଜରେ ଛାଡ଼ି ପାରେ ନାହିଁ – ପଠିତ ଏକାଙ୍କିକାରୁ ଆଲୋଚନା କର । (୧x୫=୫)

କିମ୍ବା

ସ୍ୱାଧୀନତା ମନୁଷ୍ୟର ଜନ୍ମଗତ ଅଧିକାର । ପତାକା ଉତ୍ତୋଳନ ଗଳ୍ପରୁ ଏହାର ସତ୍ୟତା ପ୍ରତିପାଦନ କର ।

କିମ୍ବା

ମଣିଷ କଳ୍ପନାରେ ବଞ୍ଚିଥାଏ । 'ଡିମିରିଫୁଲ' ଗଳ୍ପରୁ ଭଦ୍ରମହିଳାଙ୍କ ଚରିତ୍ର ସଂପର୍କରେ ଆଲୋଚନା କର ।

●●●